# ତହସିଲଦାର , ପିପିଲି ଙ୍କ କାର୍ଯ୍ୟାଳୟ

## ସା – ପିପିଲି , ଜିଲ୍ଲା – ପୁରୀ , ପିନ୍ – ୭୫୨୧୦୪

## ଲଘୁ ଖଣିଜ ପଦାର୍ଥ ନିମନ୍ତେ ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର ସଂଖ୍ୟା ୨୪୧୮ ତା – ୧୨.୦୬.୨୦୨୦ ର ସଂଶୋଧନ ନୋଟିସ ।

**ସଂଖ୍ୟା** 2553 **ତା** 18/06/2020

ଏତଦ୍ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି, ଉକ୍ତ କାର୍ଯ୍ୟାଳୟ ଲଘୁ ଖଣିଜ ପଦାର୍ଥ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ନିଲାମ ଇସ୍ତାହାର ସଂଖ୍ୟା ୨୪୧୮ ତା – ୧୨.୦୬.୨୦୨୦ ରେ ପ୍ରକାଶ କରାଯାଇଥିଲା । ତହିଁରେ ପ୍ରକାଶ ହୋଇଥିବା ବିବିରଣୀ ଗୁଡିକରେ କେତେକ ସଂଶୋଧନ ନିମ୍ନମତେ କରାଗଲା ।

**<u>ପୃଷ୍ଠା (୧) ପାରା ( ଅନୁଚ୍ଛେଦ) ୧</u>**

ପୃଷ୍ଠା ୧, ପାରା (ଅନୁଚ୍ଛେଦ) ୧ ଶେଷରେ ନିମ୍ନ ଲିଖିତ ଅଂଶ ଯୋଗ କରାଗଲା ।

............... ଯଦି ଉକ୍ତ ଲିଜ ଦରଖାସ୍ତ ଖୋଲିବା ତାରିଖ ଯଥା ୦୪.୦୭.୨୦୨୦, ୧୪.୦୭.୨୦୨୦ ବା ୨୧.୦୭.୨୦୨୦ ରିଖ କୌଣସି କାରଣ ବଶତଃ କାର୍ଯ୍ୟାଳୟ ବନ୍ଦ ରହେ। ତେବେ ପରବର୍ତ୍ତୀ ପ୍ରଥମ କାର୍ଯ୍ୟ ଦିବସ ଦିବା ୧୧ ଘଟିକା ସମୟରେ ଉପରୋକ୍ତ ପ୍ରକାରରେ Sealed Tender (Lease Application) ଦରଖାସ୍ତ ଗୁଡିକ ଖୋଲାଯାଇ ନିଲାମଧାରୀ ଚୟନ କରାଯିବ ।

**<u>ପୃଷ୍ଠା (୩) ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ / କାଗଜାତର ପାରା ( ଅନୁଚ୍ଛେଦ) ୪ :</u>**

ପୃଷ୍ଠା (୩) ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ / କାଗଜାତ ର ପାରା ( ଅନୁଚ୍ଛେଦ) ୪ ରେ ଥିବା -

"ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ ( Offered Additional Charge) ଠାରୁ କମ ହୋଇନଥୀବ ( ନିର୍ଦ୍ଦିଷ୍ଟ ରାଶିଠାରୁ କମ ହେବ ନାହିଁ । ) ( Bank Guarantee valid for a period of 18 months for an amount of not less than the amount of additional charge offered plus the royality payable for the minumum Guranted Quantity ( MGQ) for one whole year "

**ବଦଳରେ ନିମ୍ନ ଲିଖିତ ସଂଶୋଧନ କରାଗଲା -**

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାଟିଫିକେଟ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ ( Offered Additional Charge) ଠାରୁ କମ ହୋଇନଥୀବ ( ନିର୍ଦ୍ଦିଷ୍ଟ ରାଶିଠାରୁ କମ ହେବ ନାହିଁ । ) ( A solvency Certificate or Bank Guarantee valid for a period of Eighteen months for an amount of not less than the amount of additional charge offered plus the royality payable for the Minimum Guranted Quantity for one whole year) ।

**ପୃଷ୍ଠା ୩ ଅନୁଚ୍ଛେଦ ୭ :**

ପୃଷ୍ଠା ୩ ଅନୁଚ୍ଛେଦ ୭ ରେ ଥିବା -

"ନିଜର ଭୋଟର ପରିଚୟ ପତ୍ର ( EPIC ) / Aadhaar Card ଏବଂ PAN Card " ବଦଳରେ ନିମ୍ନ ଲିଖିତ ସଂଶୋଧନ କରାଗଲା -

୭. ନିଜର ଭୋଟର ପରିଚୟ ପତ୍ର ( EPIC) ବା ଆଧାର କାର୍ଡ ( Aadhaar Card) ବା ପାନ କାର୍ଡ ( PAN Card ) ।

**ପୃଷ୍ଠା ୩ ଅନୁଚ୍ଛେଦ ୧୦ :**

ପୃଷ୍ଠା ୩ ଅନୁଚ୍ଛେଦ ୧୦ ରେ ଥିବା -

"ସଫଳ ନିଲାମଧାରୀ ଲିଜ୍ ଏଗ୍ରିମେଣ୍ଟ ପୂର୍ବରୁ ଟ ୧୦୦୦୦/- ( ଦଶ ହଜାର ଟଙ୍କା ) ମାତ୍ର ର ସିକ୍ୟୁରିଟ ଡିପୋଜିଟ ଧାରା ୪୨ ଅନୁଯାୟୀ କରିବେ" କୁ ଉଚ୍ଛେଦ କରାଗଲା ।

ସ୍ୱପନ କୁମାର ମିଶ୍ର 18/6/2020

**ତହସିଲଦାର – ତଥା – କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,**

**ପିପିଲି**

ଜ୍ଞାପକ ସଂ. 2554 ତା. 18.06.2020

ଏହାର ଏକକିତା ନକଲ ଡି. ଆଇ. ଓ , ପୁରୀ ଜିଲ୍ଲା Website ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ସ୍ୱପନ କୁମାର ମିଶ୍ର 18/6/2020

**ତହସିଲଦାର – ତଥା – କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,**

**ପିପିଲି**

ଜ୍ଞାପକ ସଂ. 2555(3) ତା. 18.06.2020

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ ପିପିଲି କାର୍ଯ୍ୟାଳୟ ନୋଟିସ ବୋର୍ଡ / ଜିଲ୍ଲାପାଳ, ପୁରୀ / ଉପ- ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱପନ କୁମାର ମିଶ୍ର 18/6/2020

**ତହସିଲଦାର – ତଥା – କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,**

**ପିପିଲି**